**ସଂକ୍ଷେପରେ**

## ସାପ କାମୁଡ଼ାରେ ଜଣେ ମୃତ

ପାପଡ଼ାହାଣ୍ଡି,୨୫।୯,(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଗଡ଼ଆଗୁଡ଼ା ଗ୍ରାମର ସମାରୁ ଭତରାଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ଶୁକ୍ରବାର ସମାରୁ ଖାଇ ସାରିବା ପରେ ଜମିକୁ ଯାଇ ସେଠାରେ ଶୋଇଥିଲେ। ରାତି ୨ଟା ବେଳେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ଏହା ଜାଣିବା ପରେ ପରିବାର ଲୋକେ ତାଙ୍କୁ ପ୍ରଥମେ ପାପଡ଼ାହାଣ୍ଡି ଓ ପରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଥାନାରେ କେସ୍ ନଂ. ୧୬/୨୧ରେ ମାମଲା ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ରାଷ୍ଟ୍ରୀୟ ସମବାୟ ସମ୍ମିଳନୀ




ଡାବୁଗାଁ/ପାପଡ଼ାହାଣ୍ଡି,୨୫।୯(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ସଦର ଦିଶାରିଗୁଡା ଗ୍ରାମ କାଜୁ ମିଲ୍ ପରିସରରେ ଆଇପିଏଲ(ଇଣ୍ଡିଆନ ପୋଟାସ ଲିମିଟେଡ)ପକ୍ଷରୁ ରାଷ୍ଟ୍ରୀୟ ସମବାୟ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଇପିଏଲ କମ୍ପାନୀର କ୍ଷେତ୍ର ଅଧିକାରୀ ଚିରଞ୍ଜିବୀ ନାୟକ ସମ୍ମିଳନୀରେ ଯୋଗ ଦେଇଥିବା ୨୦୦ ଚାଷୀଙ୍କୁ ସ୍ୱାଗତ କରିଥିଲେ। ନୂଆଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧୀ ନ୍ୟାଶନାଲ ଷ୍ଟାଡିୟମଠାରେ ଅନୁଷ୍ଠିତ ସମ୍ମିଳନୀରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ୍ ଶାହା ଯୋଗ ଦେଇ ସମବାୟ ସମୃଦ୍ଧି ଯୋଜନା ଉପରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଏଠାରେ ଚାଷୀମାନେ ନିଜ ମୋବାଇଲରେ ଦେଖିଥିଲେ। ଆଇପିଏଲ୍‌ର ଅଧିକୃତ ଡିଲର ସଞ୍ଜୀବ ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।

## ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଫିଟ ଇଣ୍ଡିଆ ଫ୍ରିଡମ କାର୍ଯ୍ୟକ୍ରମ

ମାଲକାନଗିରି,୨୫।୯(ଡି.ଏନ.ଏ.)- ମାଲକାନଗିରି ମହାବିଦ୍ୟାଳୟ ପରିସରରେ ନେହେରୁ ଯୁବ କେନ୍ଦ୍ର ତରଫରୁ ଦୀନ ଦୟାଲ ଉପାଧ୍ୟ ଜନ୍ମବାର୍ଷିକୀ ଅବସରରେ ଫିଟ୍ ଇଣ୍ଡିଆ ଫ୍ରିଡମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛଇ। ଏହାକୁ ମୁଖ୍ୟ ଅତିଥି ଭାବେ ଏସଡିପିଓ ଅଭିଲାଷ ଜି ଏବଂ ମହାବିଦ୍ୟାଳୟ ଅଧକ୍ଷ ଅଶୋକ କୁମାର ଷଡଙ୍ଗୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ସବୁଜ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ନେହେରୁ ଯୁବ କେନ୍ଦ୍ରର ଜିଲା ଯୁବ ଅଧିକାରୀ ହରିଷ ରୂପାଲ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ରୂପେ ଜିଲା ଯୁବ ରେଡକ୍ରସ ସଂଯୋଜକ ଡ. ରଞ୍ଜନ କୁମାର ସ୍ୱାଇଁ ଉପସ୍ଥିତ ଥିଲେ। ପ୍ରମୀୟ କୁମାର ମହାନ୍ତି , ଗୌତମ କୁମାର ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ତୋଷ କୁମାର ପାତ୍ର ଓ କେ ରୋଲାସ୍କି ସହଯୋଗ କରିଥିଲେ।

## ଛୁରାମାଡ଼ରେ ଗ୍ରାହକ ଆହତ, ଦୋକାନୀ ଗିରଫ

ହିଞ୍ଜିଳିକାଟୁ,୨୫।୯(ଡି.ଏନ୍.ଏ)-ହିଞ୍ଜିଳିକାଟୁ ଏନ୍‌ଏସି ହାଇସ୍କୁଲ ନିକଟରେ ଥିବା ଏକ ଫାଷ୍ଟଫୁଡ଼ ଦୋକାନ ମାଲିକଙ୍କ ଛୁରା ମାଡ଼ରେ ଗ୍ରାହକ ଆହତ ହୋଇଛନ୍ତି। ଏହି ଘଟଣାରେ ହିଞ୍ଜିଳି ପୋଲିସ ଶନିବାର ଦୋକାନ ମାଲିକ ସୁନୀଲ ପାଢ଼ିଙ୍କୁ କୋର୍ଟ ଚାଲାଣ କରିଛି। ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଜାନିନଗରର ସନ୍ତୋଷ ବେହେରା ଉକ୍ତ ପାଷ୍ଟଫୁଡ଼ ଦୋକାନକୁ ଯାଇଥିଲେ। ତୁରନ୍ତ ଖାଦ୍ୟ ଅର୍ଡର ନେଇ ସୁନୀଲ ଓ ସନ୍ତୋଷଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ସୁନୀଲ ରାଗିଯାଇ ଏକ ଧାରୁଆ ଛୁରିରେ ସନ୍ତୋଷଙ୍କୁ ଆକ୍ରମଣ କରିଥିଲେ। ହିଞ୍ଜିଳି ଥାନା ପୋଲିସ ନଂ. ୫୦୯/୨୧ରେ ମାମଲା ରୁଜୁ କରି ଦୋକାନ ମାଲିକ ସୁନୀଲଙ୍କୁ ଗିରଫ କରିଥିଲା।

# ବାତ୍ୟା ମୁକାବିଲା ପାଇଁ ରାୟଗଡ଼ା ପ୍ରଶାସନ ପ୍ରସ୍ତୁତ

- ୬ ଓଡ୍ରାଫ୍, ୨ ଏନ୍‌ଡିଆର୍‌ଏଫ୍ ଟିମ୍ ସଜାଗ
- ସଦର ମହକୁମା ଛାଡ଼ିବେନି ସରକାରୀ କର୍ମଚାରୀ
- ବିପଦପୂର୍ଣ୍ଣ ସ୍ଥାନ ଚିହ୍ନଟକରି ସତର୍କ ରହିବାକୁ ନିର୍ଦ୍ଦେଶ

ରାୟଗଡ଼ା ଅଫିସ,୨୫।୯

ସମ୍ଭାବ୍ୟ ବାତ୍ୟା, ବର୍ଷା ପାଇଁ ରାୟଗଡ଼ା ଜିଲାକୁ ସତର୍କ ସୂଚନା ଦିଆଯାଇଛି। ଏହାର ମୁକାବିଲା ପାଇଁ ରାୟଗଡ଼ା ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ଅନ୍‌ଲାଇନରେ ଆୟୋଜିତ ଜରୁରୀ ବୈଠକରେ ଜିଲାପାଳ ସରୋଜ କୁମାର ମିଶ୍ର କହିଛନ୍ତି। ସେହିପରି ପୋଲିସ ମଧ୍ୟ ସମ୍ପୂର୍ଣ୍ଣ ସଜାଗ ରହିଥିବା ଏସ୍‌ପି ବିବେକାନନ୍ଦ ଶର୍ମା କହିଛନ୍ତି। ବଂଶଧାରା, ନାଗାବଳୀ ଓ କଲ୍ୟାଣୀ ନଦୀ ଜିଲା ଦେଇ ପ୍ରବାହିତ ହେଉଥିବାରୁ ରାୟଗଡ଼ା ସଦର ସମେତ କଲ୍ୟାଣସିଂହପୁର, ଗୁଡ଼ାରି, ଗୁଣପୁର ଏବଂ ଚନ୍ଦ୍ରପୁର ଅଞ୍ଚଳବାସୀ ପ୍ରଭାବିତ ହେବା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ମାଇକ୍‌ଯୋଗେ ଲୋକଙ୍କୁ ସଚେତନ କରିବା ନେଇ ବ୍ୟବସ୍ଥା କରାଯାଇଛି। ସେହିପରି ଲୋକଙ୍କୁ ସୁରକ୍ଷିତଭାବେ ରଖିବା ନିମନ୍ତେ ୩ ଆଶ୍ରୟସ୍ଥଳୀ ପ୍ରସ୍ତୁତ ରହିଛି। ଆବଶ୍ୟକ ସ୍ଥଳେ ବିଡିଓ ଏବଂ ତହସିଲଦାର ଅଧିକ ଆଶ୍ରୟସ୍ଥଳୀର ବ୍ୟବସ୍ଥା କରିପାରିବେ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।



ଅନ୍‌ଲାଇନରେ ଅଧିକାରୀମାନଙ୍କୁ ନେଇ ବୈଠକ ଚାଲିଛି ।

ପ୍ରବଳ ବର୍ଷା ସମ୍ଭାବନା ରହିଥିବାରୁ ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଏବଂ ପାହାଡ଼ରୁ ମାଟି ଅତଡ଼ା ଖସିବା ଆଶଙ୍କା ମଧ୍ୟ ରହିଛି। ତେଣୁ ବର୍ଷା ଓ ପବନ ସମୟରେ ଲୋକେ ବାହାରକୁ ନ ବାହାରିବା ପାଇଁ ସେ ସତର୍କ କରାଇଛନ୍ତି। ଯେକୌଣସି ପରିସ୍ଥିତିରେ ମୁକାବିଲା ନିମନ୍ତେ ୬ ଓଡ୍ରାଫ୍, ୨ ଏନ୍‌ଡିଆର୍‌ଏଫ୍ ଟିମ୍ ରାୟଗଡ଼ାରେ ପହଞ୍ଚିଛନ୍ତି। ଆବଶ୍ୟକସ୍ଥଳେ ସେମାନଙ୍କୁ ବିଭିନ୍ନ ସ୍ଥାନରେ ନିୟୋଜନ କରାଯିବ। ଅନ୍ୟପକ୍ଷରେ ସରକାରୀ କର୍ମଚାରୀମାନଙ୍କର ୩୦ ତାରିଖ ପର୍ଯ୍ୟନ୍ତ ଛୁଟି ବାତିଲ କରାଯାଇଛି। ଯେଉଁମାନେ ଛୁଟିରେ ରହିଛନ୍ତି ଶୀଘ୍ର କାର୍ଯ୍ୟରେ ଯୋଗ ଦେବାକୁ ନିର୍ଦ୍ଦେଶ ହୋଇଛି। ସେହିପରି ତଳି ଅଞ୍ଚଳର ବିପଦପୂର୍ଣ୍ଣ ସ୍ଥାନଗୁଡ଼ିକୁ ଚିହ୍ନଟକରି ସତର୍କତା ପଦକ୍ଷେପ ନେବାକୁ ଜିଲାପାଳ ସମସ୍ତ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବାତ୍ୟା କିମ୍ବା ବନ୍ୟା କାରଣରୁ ଯେପରି କୌଣସି ଧନଜୀବନ ହାନି ନ ଘଟେ ତାହାକୁ ଗୁରୁତ୍ୱ ଦିଆଯାଇଛି। ବଡ଼ନାଳ ଓ ହରଭଙ୍ଗୀ ଜଳସେଚନ ପ୍ରକଳ୍ପର ନିର୍ବାହୀ ଯନ୍ତ୍ରୀମାନଙ୍କୁ ମଧ୍ୟ ସତର୍କ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ଔଷଧପତ୍ର ମହଜୁଦ ରଖାଯାଇଛି। ଦୁର୍ଗମ ଅଞ୍ଚଳରେ ଯୋଗାଣ ବିଭାଗ ପକ୍ଷରୁ ଅତ୍ୟାବଶ୍ୟକ ସାମଗ୍ରୀ ବିଶେଷକରି ଚୁଡ଼ା, ଚାଉଳ, କିରୋସିନ, ଦିଆସିଲି ମହଜୁଦ ରଖିବାକୁ କୁହାଯାଇଛି। ଆସନ୍ନ ପ୍ରସବାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ହୋଇଛି। ଏହି ସମୟରେ ରାସ୍ତାଘାଟରେ ଯାନବାହନ ଚଳାଚଳ ଉପରେ ନଜର ରଖିବାକୁ ଆର୍‌ଟିଓଙ୍କୁ ନିର୍ଦ୍ଦେଶ ହୋଇଛି। ସେହିପରି କୃଷି, ଉଦ୍ୟାନ କୃଷି ଓ ପ୍ରାଣୀ ଚିକିତ୍ସା ବିଭାଗକୁ ମଧ୍ୟ ସତର୍କ କରାଯାଇଛି। ବାତ୍ୟା ମୁକାବିଲା ନିମନ୍ତେ ଜିଲାରୁ ବ୍ଲକ ସ୍ତର ପର୍ଯ୍ୟନ୍ତ ନିୟନ୍ତ୍ରଣ କକ୍ଷ ଖୋଲିବ। ଆବଶ୍ୟକସ୍ଥଳେ ଜିଲା ନିୟନ୍ତ୍ରଣ କକ୍ଷରେ ଜଣେ ଗେଜେଟେଡ୍ ଅଫିସରଙ୍କୁ ନିୟୋଜିତ କରାଯିବା ସହ ଲୋକଙ୍କୁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରକରି ଖାଦ୍ୟ ଯୋଗାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜରୁରୀ ହେଲେ ପଞ୍ଚାୟତ ଜନ ପ୍ରତିନିଧିଙ୍କ ସହାୟତା ନେଇ କାର୍ଯ୍ୟ କରିବାକୁ କହିଛନ୍ତି। ବୈଠକରେ ଏସ୍‌ପି ବିବେକାନନ୍ଦ ଶର୍ମା, ଡିଆର୍‌ଡିଏ ପିଡି ମହେଶ୍ୱର ଚନ୍ଦ୍ର ନାୟକ, ତହସିଲଦାର, ବିଡିଓ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଗୋଟିଏ ଗଛରେ ପ୍ରେମୀ ଯୁଗଳଙ୍କ ଆତ୍ମହତ୍ୟା

ଚନ୍ଦାହାଣ୍ଡି,୨୫।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଥାନା ଅଧୀନ ଶରଧାପୁର ଗ୍ରାମ ନିକଟରେ ଥିବା ଏକ ଗଛରୁ ପ୍ରେମୀ ଯୁଗଳଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ଦୁହେଁ ହେଲେ ଉକ୍ତ ଗ୍ରାମର କାମଦେବ ପୂଜାରୀ(୨୫) ଏବଂ ଦୌପଦୀ ମାଝି(୨୨)।

ସୂଚନା ଅନୁଯାୟୀ, ଶରଧାପୁର ଗ୍ରାମର କାମଦେବ ଏବଂ ଦୌପଦୀଙ୍କ ସହ ଦୀର୍ଘଦିନରୁ ପ୍ରେମ ସମ୍ପର୍କ ରହିଥିଲା। ପରସ୍ପର ବିବାହ କରିବାକୁ ଚାହୁଁଥିଲେ। ତେବେ ଏ ନେଇ ପ୍ରେମୀ ଯୁଗଳ ପରିବାର ଲୋକଙ୍କ ସ୍ୱୀକୃତି ମାଗି ନ ଥିଲେ। ଫଳରେ ଦୁଇ ପରିବାର ମଧ୍ୟରେ ବିବାହ ନେଇ କୌଣସି ଆଲୋଚନା ହୋଇ ନ ଥିଲା। ଗତ ମାର୍ଚ୍ଚ ମାସରେ ଦୌପଦୀଙ୍କ ବିବାହ ପଡ଼ୋଶୀ ଛତିଶଗଡ଼ ରାଜ୍ୟ ଦେଓଭୋଗ ବ୍ଲକ ସିନାପାଲି ଗ୍ରାମରେ ହୋଇଥିଲା। ଏହାପରେ ପ୍ରେମୀ ଯୁଗଳ କାମଦେବ ଏବଂ ଦୌପଦୀ ଭାଙ୍ଗିପଡ଼ିଥିଲେ। ଏଥିସହ ଅନ୍ୟତ୍ର ବିବାହ କରିଥିଲେ ମଧ୍ୟ ଦୌପଦୀ କାମଦେବଙ୍କ ସହ ପୂର୍ବପରି ସମ୍ପର୍କରେ ଥିଲେ। ୩ ଦିନ ତଳେ କାମଦେବ ଦୌପଦୀଙ୍କ ଶାଶୁଘର ଗାଁକୁ ଯାଇ ଦୌପଦୀଙ୍କୁ ସାଙ୍ଗରେ ନେଇ ଫେରାର ହୋଇଥିଲେ। ଶୁକ୍ରବାର ଦୁହେଁ ଶରଧାପୁର ଫେରିବା ପରେ ଦୌପଦୀଙ୍କ ଅନ୍ୟତ୍ର ବିବାହ ସରିଥିବାରୁ ପରିବାର ଲୋକେ ସେମାନଙ୍କୁ ବୁଝାଶୁଝା କରିଥିଲେ। କିନ୍ତୁ ରାତିରେ ପ୍ରେମୀ ଯୁଗଳ ଗାଁନିକଟ ଜମିରେ ଥିବା ଗଛରେ ଏକାଠି ଆତ୍ମହତ୍ୟା କରିଥିବା ପରିବାର ଲୋକେ ଶନିବାର ଥାନାରେ ଏତଲା ଦେଇଛନ୍ତି। ତେବେ ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନାହିଁ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଏ ନେଇ ୧୨/୨୧ ଏବଂ ୧୩/୨୧ ରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନାଧିକାରୀ ପ୍ରେମାନନ୍ଦ ସୁନାନୀ ସୂଚନା ଦେଇଛନ୍ତି।

ପୋଲିସ ଟିମ୍ ସହ ଭବାନିପାଟଣାରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ଫରେନସିକ୍ ରିପୋର୍ଟ ଏବଂ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ସେ କହିଛନ୍ତି।

# ନକଲି ସୁନାଇଟା କାରବାର: ୬ ଅଭିଯୁକ୍ତ ଗିରଫ



ଗିରଫ ୬ ଅଭିଯୁକ୍ତ ।

ପାପଡ଼ାହାଣ୍ଡି,୨୫।୯,(ଡି.ଏନ୍.ଏ.)

ନକଲି ସୁନାଇଟା ବ୍ୟବସାୟ କରୁଥିବା ୬ ଅଭିଯୁକ୍ତଙ୍କୁ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ପୋଲିସ ଗିରଫ କରିଛି। ସେମାନଙ୍କ ଠାରୁ ୪ କେଜି ୫୦୦ଗ୍ରାମ୍ ଓଜନର ଏକ ନକଲି ସୁନାଇଟା ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସବ୍ୟସାଚି ମହାନ୍ତି, ବସନ୍ତ କୁମାର ହାତୀ, ଦିପକ ରାୟ, ପ୍ରଶାନ୍ତ କୁମାର ସାହୁ, ପ୍ରଦୀପ କୁମାର ଘଡ଼େଇ ଓ ଦୀନେଶ ସାହୁ। ଶୁକ୍ରବାର ଦିନ ମଇଦଲପୁର ଫାଣ୍ଡି ନିକଟରେ ଯାନବାହନ ଯାଞ୍ଚବେଳେ ପୋଲିସ ଏକ କାର୍(ଓଡି ୦୨-୫୫୨୯)କୁ ଅଟକାଇଥିଲା। ଯାଞ୍ଚବେଳେ ସେଥିରୁ ନକଲି ସୁନାଇଟା ମିଳିଥିଲା। ଅଭିଯୁକ୍ତମାନେ ଭୁବନେଶ୍ୱରରୁ ନବରଙ୍ଗପୁର ଜିଲାର କୌଣସି ବ୍ୟକ୍ତିଙ୍କୁ ଏହି ସୁନାଇଟା ବିକ୍ରି କରିବାକୁ ଆସିଥିଲେ। ପୋଲିସ କାର୍ ସମେତ ୫ ମୋବାଇଲ, ୫ ଏଟିଏମ୍ କାର୍ଡ, ଡ୍ରାଇଭିଂ ଲାଇସେନ୍ସ ଏବଂ ନଗଦ ୯୫୦ଟଙ୍କା ଜବତ କରିଛି। ୬ଜଣଙ୍କୁ ଅଟକ ରଖି ପଚରାଉଚରା କରିବା ସମୟରେ ସେମାନେ ନକଲି ସୁନାଇଟା କାରବାରରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ଏହାପରେ ସେମାନଙ୍କୁ ଗିରଫ କରାଯାଇଛି। ଏ ନେଇ ୧୪୬/୨୧ ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଶୁଭେନ୍ଦୁ ଶବର ସୂଚନା ଦେଇଛନ୍ତି। ଏହି ଘଟଣାରେ ଅଧିକ ତଦନ୍ତ ଚାଲିଥିବା ସେ କହିଛନ୍ତି।

# କଂଗ୍ରେସରେ ଯୋଗଦେଲେ ୧ହଜାରରୁ ଉର୍ଦ୍ଧ୍ୱ କର୍ମୀ

ରାୟଗଡା ଅଫିସ, ୨୫।୯(ଡି.ଏନ.ଏ.)

ରାୟଗଡା ଜିଲା କଂଗ୍ରେସ କମିଟିର ଜିଲା କାର୍ଯ୍ୟକାରିଣୀ ବୈଠକ ଓ ମିଶ୍ରଣ ପର୍ବ ସ୍ଥାନୀୟ ଲାୟନ୍ସ କ୍ଲବଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛଇ। ଜିଲା କଂଗ୍ରେସ ସଭାପତି ଦୁର୍ଗା ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଉଲାକା, ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ତଥା ଏଆଇସିସି ସଭ୍ୟା ରତ୍ନମଣି ଉଲାକା, ସମ୍ପାଦକ ସୀମାଞ୍ଚଳ ଉଲାକା, ଆପଲାସ୍ୱାମୀ କାଡ୍ରକା,ବିଜୟ ଗମାଙ୍ଗ, ଇ.ନାଗଲକ୍ଷ୍ମୀଙ୍କ ସମେତ ଜିଲା କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ । ଆସନ୍ତା ପଞ୍ଚାୟତ,ପୌର ଓ ଜିଲା ପରିଷଦ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳକୁ କିପରି ତୃଣମୂଳ ସ୍ତରରୁ ଆହୁରି ସୁଦୃଢ଼ କରାଯିବ ଏବଂ ଦଳୀୟ କନ୍ଦଳ ସମାଧାନ କରାଯାଇ ସମସ୍ତେ ଏକଜୁଟ ହୋଇ ନିର୍ବାଚନକୁ ଜିତିବେ ସେ ନେଇ ଆଲୋଚନା ହୋଇଥିଲା । କଂଗ୍ରେସର ନୀତି ନିୟମରେ ଅନୁପ୍ରାଣିତ ହୋଇ ରାୟଗଡା, ବିଷମକଟକ ଓ ଗୁଣପୁର ନିର୍ବାଚନ ମଣ୍ଡଳୀର କଲ୍ୟାଣସିଂହପୁର, ମୁନିଗୁଡା,ପଦ୍ମପୁର ଓ ଅନ୍ୟ ବ୍ଲକର ବିଜେଡି, ଭାଜପା ଓ ବହୁଜନ ସମାଜ ପାର୍ଟିର ୧ହଜାରରୁ ଉର୍ଦ୍ଧ୍ୱ ନେତା ଓ କର୍ମୀ କଂଗ୍ରେସରେ ସାମିଲ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ମୁନିଗୁଡା ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୧୨୦ ନୂତନ କର୍ମୀ, ମୁନିଗୁଡା ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟ ପାଲକିଆ, ବହୁଜନ ସମାଜପାର୍ଟିର ପୂର୍ବତନ ବ୍ଲକ ସଭାପତି ପ୍ରତିବାସ କରକରିଆ, ଭାଜପାର ସକ୍ରିୟ କର୍ମୀ ନାରାୟଣ ନାଗ ଓ ବିଜେଡିର ସକ୍ରିୟ କର୍ମୀ ସରାବୁ ଖୁରା ପ୍ରମୁଖ ରହିଛନ୍ତି। ସୂଚନାଯୋଗ୍ୟ, ଶୁକ୍ରବାର କଂଗ୍ରେସର ମିଶ୍ରଣ ପର୍ବରେ କାଶିପୁର ବ୍ଲକର ବିଭିନ୍ନ ପଞ୍ଚାୟତରୁ ୪ଶହ କର୍ମୀ କଂଗ୍ରେସରେ ଯୋଗ ଦେଇଥିଲେ।



କୋରାପୁଟ ଏମ୍‌ପି, ଜିଲା କଂଗ୍ରେସ ସଭାପତି ଓ ଦଳରେ ଯୋଗ ଦେଇଥିବା ନୂତନ କର୍ମୀ ।

**ଶୁକ୍ରବାର ମିଶିଥିଲେ ୪ଶହ**

## ବରିଷ୍ଠତା, କାଉନସେଲିଂ ଭିତ୍ତିରେ ଶିକ୍ଷକଙ୍କ ପଦୋନ୍ନତି ଦାବି

ଗୁଣପୁର, ୨୫।୯(ଡି. ଏନ. ଏ)

ନିଖିଳ ଓଡିଶା ତାଲିମପ୍ରାପ୍ତ ସ୍ନାତକ ଶିକ୍ଷକ ସଂଘର ରାୟଗଡା ଜିଲା ଶାଖା ସଙ୍ଗଠନ ପକ୍ଷରୁ ଜିଲାରେ ହେବାକୁ ଥିବା ଶିକ୍ଷକମାନଙ୍କ ପଦୋନ୍ନତି କାଉନସେଲିଂ ଭିତ୍ତିରେ କରିବାକୁ ଦାବି କରାଯାଇଛି। ୫ମ ବର୍ଗ କରୁ ୫ମ ବର୍ଗ ଖ, ୫ମ ବର୍ଗ ଖରୁ ଚତୁର୍ଥ ବର୍ଗ ଏବଂ ଚତୁର୍ଥ ବର୍ଗରୁ ୩ୟ ବର୍ଗକୁ ପଦୋନ୍ନତି କ୍ଷେତ୍ରରେ କାଉନସେଲିଂ ବ୍ୟବସ୍ଥାରେ ପଦୋନ୍ନତି କରିବାକୁ ସଂଘ ରାୟଗଡା ଜିଲାପାଳ ଏବଂ ଜିଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଦାବି ଉପସ୍ଥାପନ କରିଛି। ବର୍ତ୍ତମାନ ମହାମାରୀ କୋଭିଡ ଦୃଷ୍ଟିରୁ ଜିଲା ସ୍ତରରେ ହେବାକୁ ଥିବା କାଉନସେଲିଂ ବ୍ୟବସ୍ଥାକୁ ପରିବର୍ତ୍ତନ କରାଯାଇ ଜିଲାର ବିଭିନ୍ନ ବ୍ଲକରେ ବିଇଓଙ୍କ ତତ୍ତ୍ୱାବଧାନରେ କାଉନସେଲିଂ ବ୍ୟବସ୍ଥା କରିବା ଲାଗି ସଂଘ ପ୍ରକାଶ କରିଛି। ଏନେଇ ପ୍ରଦତ୍ତ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଥିବା ସଂଘ ସଭାପତି ପ୍ରକାଶ ଚନ୍ଦ୍ର ରଥ ଓ ସାଧାରଣ ସମ୍ପାଦକ ପ୍ରଭାତ ମହାପାତ୍ର କହିଛନ୍ତି।

## ଜଙ୍ଗଲରୁ ମିଳିଲା ପ୍ରେମୀ ଯୁଗଳଙ୍କ ମୃତଦେହ

ପାପଡ଼ାହାଣ୍ଡି,୨୫।୯,(ଡି.ଏନ୍.ଏ.)– ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଚେରଚେଟା ପଞ୍ଚାୟତ ବତାଶର ଜଙ୍ଗଲରୁ ଶନିବାର ଦୁଇ ପ୍ରେମୀ ଯୁଗଳଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ମୃତକ ହେଲେ କଦଭଙ୍ଗା ଗ୍ରାମର ସାବିତ୍ରୀ ଭତରା(୧୮) ଏବଂ ବିଷ୍ଣୁ ଭତରା(୧୯)। ସାବିତ୍ରୀ ଶୁକ୍ରବାର ସନ୍ଧ୍ୟାରୁ ନିଖୋଜ ଥିଲେ। ଶନିବାର ନିକଟ ଜଙ୍ଗଲରେ ଦୁହିଁଙ୍କ ମୃତଦେହ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ସାବିତ୍ରୀଙ୍କ ଜେଜେବାପା କେଶବ ଭତରା ଏ ନେଇ ପାପଡ଼ାହାଣ୍ଡି ଥାନାରେ ଏତଲା ଦେଇଛନ୍ତି। ତେବେ ଦୁହିଁଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏ ନେଇ ପାପଡ଼ାହାଣ୍ଡି ଥାନାରେ ୧୭/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିବା ଜଣାପଡ଼ିଛି।

# ପାଣିରେ ବୁଡ଼ି ନାବାଳିକା ମୃତ

କୋଡ଼ିଙ୍ଗା,୨୫।୯(ଡି.ଏନ୍.ଏ.)–

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ବାଙ୍କୁଲି ପଞ୍ଚାୟତର ଦେଓଗାଁଠାରେ ଚେକ୍‌ଡ୍ୟାମ୍‌ରେ ବୁଡ଼ି ଜଣେ ନାବାଳିକା ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ସଦାଶିବ ଗୌଡ଼ଙ୍କ ଝିଅ ଭାମ(୧୦)। ଅପରାହ୍ଣରେ ଭାମ ସାଙ୍ଗମାନଙ୍କ ସହ ଗାଧୋଇବାକୁ ଯାଇ ଚେକ୍‌ଡ୍ୟାମ୍‌ରେ ବୁଡ଼ିଯାଇଥିଲେ। ତାଙ୍କୁ ଉଦ୍ଧାର କରିବା ପାଇଁ ୨ ସାଙ୍ଗ ଗ୍ରାମବାସୀଙ୍କୁ ଡାକିଥିବାବେଳେ ଗ୍ରାମବାସୀ ବହୁ ଖୋଜାଖୋଜି କରି ବିଫଳ ହୋଇଥିଲେ। କୋଡ଼ିଙ୍ଗା ପୋଲିସ ଉଦ୍ଧାରକାରୀ ଦଳ ସହ ପହଞ୍ଚି ରାତି ପର୍ଯ୍ୟନ୍ତ ଖୋଜିବା ପରେ ତାଙ୍କ ମୃତଦେହ ମିଳିଥିଲା। ଏ ନେଇ କୋଡ଼ିଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା ୧୨/୨୧ ରେ ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଭାଜପାରେ ଯୋଗଦେଲେ ଶତାଧିକ ନୂତନ କର୍ମୀ

ରାଇଘର/ଉମରକୋଟ, ୨୫।୯ (ଡି.ଏନ୍.ଏ./ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଗଞ୍ଜାପାର ପଞ୍ଚାୟତ ହାତିନୋ ଡିଏନ୍‌କେ ଠାରେ ଭାଜପାର ସାଙ୍ଗଠନିକ ବୈଠକ ଓ ମିଶ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନ୍ୟ ଦଳର ଶତାଧିକ କର୍ମୀ ଭାଜପାରେ ଯୋଗ ଦେଇଥିବା ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ଓ ଉମରକୋଟ ବିଧାୟକଙ୍କ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଭାଜପାରେ ସାମିଲ ହୋଇଥିବା ନୂତନ କର୍ମୀ କହିଛନ୍ତି। ଏଥିରେ ମୁଖ୍ୟ ଅତିଥିଭାବେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିବାବେଳେ ପୂର୍ବତନ ଏମ୍‌ପି ପର୍ଶୁରାମ ମାଝି, ଜିଲା ଭାଜପା ସଭାପତି ଜଗଦୀଶ ବିଶୋୟୀ, ବ୍ଲକ ଅଧକ୍ଷା ବିନ ଗଣ୍ଡ, ପୂର୍ବତନ ଜିଲା ସଭାପତି ଗୋବିନ୍ଦ ଜୈନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ସାହୁ, ଗୌରୀଶଙ୍କର ମାଝି, ରାଜ୍ୟ ଯୁବମୋର୍ଚ୍ଚା କୋଷାଧକ୍ଷ ସନ୍ତୋଷ ମହାପାତ୍ର, ରାଇଘର ବ୍ଲକ ବିଧାୟକ ପ୍ରତିନିଧି ଶିବନାଥ ବାନାର୍ଜୀ, ନବରଙ୍ଗପୁର ଜିଲା ଯୁବ ମୋର୍ଚ୍ଚା ସଭାପତି ଚନ୍ଦ୍ରଭାନୁ ନାୟକ, ଜିଲା ପରିଷଦ ସଭ୍ୟ ସୁଦର୍ଶନ ମାଝି, ଜିଲା ପରିଷଦ ସଭ୍ୟା ପ୍ରୀତିସ୍ନିଗ୍ଧା ମହାପାତ୍ର, ,ଦେଉକୁମାରୀ ଗଣ୍ଡ, ପୁନିତା ଗଣ୍ଡ, ସରପଞ୍ଚ ମନସୁରାମ ଗଣ୍ଡ, ବାସନ୍ତୀ ମାଝି, ସ୍ଥାନୀୟ ସରପଞ୍ଚ ଓ ମଣ୍ଡଳ ସଭାପତି ମନୋହର ଦଣ୍ଡସେନା, ଶିବ କୁମାର ଗଣ୍ଡ, ମାୟାରାମ ଗଣ୍ଡ ଶରତ ଜେନା ଏବଂ ନବରଙ୍ଗପୁର ଜିଲା ଭାଜପାର ସମସ୍ତ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।।


ଭାଜପା ନେତାମାନେ ଉତ୍ତରୀୟ ଦେଇ ନୂତନ କର୍ମୀଙ୍କୁ ସ୍ୱାଗତ କରୁଛନ୍ତି ।

# ୧୦ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ, ଜଣେ ଗିରଫ

ରାୟଗଡ଼ା ଅଫିସ,୨୫।୯

ରାୟଗଡ଼ା ଜିଲା ପଦ୍ମପୁର ପୋଲିସ ଦ୍ୱାରା ପାଟ୍ରୋଲିଂ ବେଳେ ଶନିବାର କେନ୍ଦୁଗୁଡ଼ା ଆଉଟ ପୋଷ୍ଟ ନିକଟରୁ ଏକ ଟ୍ରକ୍( ଡବ୍ଲ୍ୟୁବିଂ୩ସି-୫୫୯୪)ରୁ ଗଞ୍ଜେଇ ଜବତ କରିଛି। ନୂଆଗଡ଼ରୁ ରାଇପୁର ଅଭିମୁଖେ ଏହି ଟ୍ରକ୍ ଯାଉଥିଲା। ଜବତ ଗଞ୍ଜେଇର ପରିମାଣ ୧୦କୁଇଣ୍ଟାଲ ୮ କେଜି ବୋଲି ଜଣାପଡିଛି। ଏଥିରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ପୋଲିସ ତାଙ୍କ ପରିଚୟ ଜଣାଇନାହିଁ। ଏନେଇ ପଦ୍ମପୁର ଥାନାରେ କେସ୍ ନମ୍ବର ୮୨ /୨୧ରେ ଏକ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଜାରି ରହିଛି।



# ଭାରତ ବନ୍ଦକୁ ଜିଲା କଂଗ୍ରେସର ସମର୍ଥନ

ନବରଙ୍ଗପୁର,୨୫।୯(ବି.ପ୍ର.)

ଆସନ୍ତା ୨୭ ତାରିଖ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟା ଧରି ସଂଯୁକ୍ତ କୃଷକ ମୋର୍ଚ୍ଚା ଦେଇଥିବା ଭାରତ ବନ୍ଦ ଡାକରାକୁ ସମର୍ଥନ ଜଣାଇଛି ନବରଙ୍ଗପୁର ଜିଲା କଂଗ୍ରେସ। କେନ୍ଦ୍ର ସରକାରଙ୍କ କଳା କୃଷି ଆଇନ ବିରୋଧରେ ପ୍ରାୟ ୧୦ ମାସରୁ ଉର୍ଦ୍ଧ୍ୱ ସମୟ ଧରି ଆନ୍ଦୋଳନ ଚଳାଇ ଆସୁଥିବା କୃଷକମାନଙ୍କୁ ସମର୍ଥନ ଜଣାଇବା ଲାଗି ଶନିବାର ଅନୁଷ୍ଠିତ ଏକ ବୈଠକରେ ନିଷ୍ପତ୍ତି ହୋଇଛି। ପିସିସି ଉପ ସଭାପତି ସଦନ ନାୟକଙ୍କ ଅଧକ୍ଷତାରେ ହୋଇଥିବା ବୈଠକରେ ଜିଲା କଂଗ୍ରେସ କମିଟି ସଭାପତି ମୁନ୍ନା ତ୍ରିପାଠୀ, ଜିଲା କଂଗ୍ରେସ କମିଟି ଉପ ସଭାପତି ତଥା ପୂର୍ବତାନ ଉପ ନଗରପାଳ ସୁବାସ ଚନ୍ଦ୍ର ସୁର, ପିସିସି ସଭ୍ୟ ଦିଲୀପ କୁମାର ବେହେରା,ପୂର୍ବତନ ପିସିସି ସାଧାରଣ ସମ୍ପାଦକ ସରୋଜ ପାତ୍ର, ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ କୁନା ପାଢ଼ୀ, ପ୍ରଦୀପ ସାହୁ, ଇମ୍ରାନ ଶରିଫ, ଅବଦୁଲ ଫିରଜ, ନଗର କଂଗ୍ରେସ ସଭାପତି ଉତ୍ତମ ତ୍ରିପାଠୀ, ନନ୍ଦାହାଣ୍ଡି ବ୍ଲକ କଂଗ୍ରେସ ସଭାପତି ବୃନ୍ଦାବନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଜିଲା କଂଗ୍ରେସ ସଭାପତି ଓ ଦଳୀୟ ନେତାମାନେ ।

# ଇନ୍ଦ୍ରାବତୀ ତଳିଆ ଅଞ୍ଚଳବାସୀଙ୍କୁ କରାଯାଉଛି ସତର୍କ

- ବାତ୍ୟା ପାଇଁ ଖୋଲିବ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ
- ୩ ଓଡ୍ରାଫ୍ ଟିମ୍ ପ୍ରସ୍ତୁତ

ନବରଙ୍ଗପୁର,୨୫।୯(ବି.ପ୍ର.)

ସମ୍ଭାବ୍ୟ ବାତ୍ୟା ଗୁଲ୍-ଆବ୍‌ର ପ୍ରଭାବ ନବରଙ୍ଗପୁର ଜିଲାରେ ମଧ୍ୟ ପଡ଼ିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ପବନର ବେଗ ୭୦ କି.ମି.ରୁ ଉର୍ଦ୍ଧ୍ୱ ରହିବା ନେଇ ପୂର୍ବାନୁମାନ କରାଯାଇଛି। ଏଥିରେ ଗଛ, ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ନବରଙ୍ଗପୁର ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପୂର୍ବ ପ୍ରସ୍ତୁତି କରାଯାଇଛି। ବିଶେଷକରି ଇନ୍ଦ୍ରାବତୀ ଜଳଭଣ୍ଡାରର ତଳିଆ ଅଞ୍ଚଳ ଯଥା ନବରଙ୍ଗପୁର, ନନ୍ଦାହାଣ୍ଡି ଓ କୋଷାଗୁମୁଡ଼ା ବ୍ଲକରେ ବନ୍ୟା ପରିସ୍ଥିତି ଆଶଙ୍କା ରହିଛି। ଚଳିତ ବର୍ଷ କମ୍ ବର୍ଷା ଯୋଗୁ ବିପଜ୍ଜନକ ସ୍ଥିତି ଉପୁଜିଛି। ଇନ୍ଦ୍ରାବତୀ ଜଳ ଭଣ୍ଡାର ବିପଦ ସଙ୍କେତ ୬୪୨ ମିଟର ରହିଥିବାବେଳେ ଏବେ ଜଳସ୍ତର ୬୩୮.୦୬ ମିଟର ରହିଛି। ବାତ୍ୟାକୁ ଦୃଷ୍ଟରେ ରଖି ଜିଲାପାଳ ଅଜିତ କୁମାର ମିଶ୍ର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରିଛନ୍ତି। ୩ ଓଡ୍ରାଫ୍ ଟିମ୍, ଅଗ୍ନିଶମ ଓ ପୋଲିସ ବାହିନୀଙ୍କୁ ସଜାଗ କରାଯାଇଛି। ଜରୁରିକାଳୀନ ପରିସ୍ଥିତିରେ ନଦୀ କୂଳିଆ ଅଞ୍ଚଳର ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇ ଶୁଖିଲା ଖାଦ୍ୟର ବ୍ୟବସ୍ଥା କରାଯିବ। ବନ୍ୟା ହେଲେ ଇନ୍ଦ୍ରାବତୀ ତଳିଆ ଅଞ୍ଚଳ ନନ୍ଦାହାଣ୍ଡି, ନବରଙ୍ଗପୁର ଓ କୋଷାଗୁମୁଡ଼ା ବ୍ଲକର ୨୯ଗାଁ ଜଳବନ୍ଦୀ ହୋଇଥାଏ । ତେଣୁ ବ୍ଲକ ପ୍ରଶାସନ ଓ ଲୋକ ପ୍ରତିନିଧିଙ୍କ ଦ୍ୱାରା ସଚେତନ କରାଯିବା ସହ ଡାକବାଜି ଯନ୍ତ୍ର ମାଧ୍ୟମରେ ବାତ୍ୟା ସମ୍ପର୍କିତ ସୂଚନା ଦିଆଯାଇଛି। ଜିଲାର ସମସ୍ତ ବିଡିଓ ଓ ତହସିଲଦାରଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ଜରୁରିକାଳୀନ କାର୍ଯ୍ୟାଳୟ ଓ ସମସ୍ତ ବ୍ଲକର ନିୟନ୍ତ୍ରଣ କକ୍ଷ ୨୪ ଘଣ୍ଟା ଖୋଲା ରଖାଯିବାକୁ ନିର୍ଦ୍ଦେଶ ହୋଇଛି। ସେହିଭଳି ନବରଙ୍ଗପୁର ଓ ଉମରକୋଟ ପୌରାଞ୍ଚଳର ସମସ୍ତ ଡ୍ରେନ୍ ସଫା କରାଯିବା ସହ ବାଲି, ମାଟି ଉଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ନବରଙ୍ଗପୁର ଜିଲାରେ ଚଳିତ ବର୍ଷ କମ୍ ବର୍ଷା ଯୋଗୁ ଚାଷୀକୁଳ ଚିନ୍ତାରେ ଥିଲେ। ଲଘୁଚାପଜନିତ ବର୍ଷା ଚାଷୀକୁ ଆଶ୍ୱସ୍ତ କରିଥିଲା। ଚଳିତ ବର୍ଷ ଜିଲାରେ ୮୦ ହଜାର ହେକ୍ଟରରୁ ଅଧିକ ଜମିରେ ମକା ଓ ୧ ଲକ୍ଷ ୪ ହଜାର ହେକ୍ଟର ଜମିରେ ଧାନ ଚାଷ କରାଯାଇଛି। ଗୁଲ୍-ଆବ୍ ପ୍ରଭାବରେ ଫସଲ କ୍ଷତିଗ୍ରସ୍ତ ହେବା ନେଇ ଚାଷୀ ପୁଣି ଚିନ୍ତାରେ ପଡ଼ିଛନ୍ତି।

## ସଂକ୍ଷେପରେ

### ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

ବୈପାରିଗୁଡା,୨୫।୯ (ଡି.ଏନ୍.ଏ.)- ବୈପାରିଗୁଡା ଥାନା ଅନ୍ତର୍ଗତ ଘୁମର ଗ୍ରାମରେ ଶନିବାର ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ଦାମ ନାୟକ। ସେ ମଧ୍ୟାହ୍ନ ସମୟରେ ଖାଇସାରି ବାହାରେ ହାତ ଧୋଉଥିବା ସମୟରେ ବଜ୍ରପାତ ହୋଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ବୈପାରିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଦାମଙ୍କୁ ମୃତ ଘୋଷଣା କରଥିଲେ। ଏ ନେଇ ବୈପାରିଗୁଡା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛଇ। ରବିବାର ମୃତଦେହ ବ୍ୟବଚ୍ଛେଦ ହେବ। ଦାମଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

### ଅବକାରୀ ଚଢ଼ାଉ: ୨ ଗିରଫ

ଜୟପୁର, ୨୫।୯ (ନି.ପ୍ର.)- ଜୟପୁର ଅବକାରୀ ବିଭାଗ ଚଢ଼ାଉ କରି ୨ ଜଣ ଚୋରା ମଦ ବେପାରିଙ୍କୁ ଗିରଫ କରିଛି। ସେମାନେ ହେଲେ ନିଳାଗୁଡାର ପ୍ରଫୁଲ୍ଲ ନାଗ ଓ ଯମୁନାଗୁଡାର ମିନ ବିଷୋୟୀ। ଉଭୟେ ଏକ ସ୍କୁଟିରେ ନିଳାଗୁଡାରୁ ମଦ ଧରି ଜୟପୁର ସହରକୁ ଆସି ଯମୁନାଗୁଡା ଠାରେ ମଦ ବିକ୍ରି କରୁଥିବା ଅବକାରୀ ବିଭାଗ ହାତରେ ଧରାପଡିଥିଲେ। ସେମାନଙ୍କଠାରୁ ୩୭ ଲିଟର ଦେଶୀ ମଦ ଓ ସ୍କୁଟି ଜବତ କରାଯାଇଛି। ଗିରଫ ପରେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି।

### ଜିଲା କାର୍ଯ୍ୟକାରୀ ସଭାପତିଙ୍କ ଇସ୍ତଫା ପରେ କଂଗ୍ରେସରେ ଅସନ୍ତୋଷ

ମାଲକାନଗିରି,୨୫।୯(ଡି.ଏନ୍.ଏ.)- ମାଲକାନଗିରି ଜିଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ରାମପ୍ରସାଦ ପଟ୍ଟନାୟକ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେବା ପରେ ଦଳରେ ଅସନ୍ତୋଷ ସୃଷ୍ଟି ହୋଇଛି। ଜିଲା ସଭାପତି ଗୋବିନ୍ଦ ପାତ୍ର ଏକ ପ୍ରେସ୍ ଇସ୍ତାହାରରେ ପଡ଼ିଆ ବ୍ଲକ କଂଗ୍ରେସ କମିଟିକୁ ରଦ୍ଦ କରିବା ନେଇ ଜଣାଇଲା ପରେ ଏହାକୁ ନେଇ ପଡ଼ିଆ ବ୍ଲକ କଂଗ୍ରେସ କର୍ମୀ ଓ କର୍ମକର୍ତ୍ତାଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଜିଲା ସଭାପତି ବ୍ଲକ କଂଗ୍ରେସ କମିଟି ସଙ୍ଗଠନ ଓ କାର୍ଯ୍ୟକ୍ରମ ଉପରେ ହସ୍ତକ୍ଷେପ କରିପାରିବେ ନାହିଁ କିମ୍ବା କମିଟିକୁ ବାତିଲ କରିବା କ୍ଷମତା ତାଙ୍କର ନାହିଁ ବୋଲି ସ୍ପଷ୍ଟ ଭାବେ କହିଛନ୍ତି ପଡ଼ିଆ ବ୍ଲକର କଂଗ୍ରେସ ନେତା ମହମ୍ମଦ ଫାରୁକ୍। ତେବେ ପଞ୍ଚାୟତ ନିର୍ବାଚନ ପୂର୍ବରୁ କଂଗ୍ରେସରେ ଏପରି ଗୋଷ୍ଠୀ କନ୍ଦଳ ପଞ୍ଚାୟତ ନିର୍ବାଚନ ଉପରେ ପଡିବ ବୋଲି ଆଲୋଚନା ହେଉଛି।

### ଓଲଟିଲା ପିଆଜ ବୋଝେଇ ଭ୍ୟାନ୍

ଏମ୍‌ଭି ୭୯,୨୫।୯(ଡି.ଏନ.ଏ)- ମାଲକାନଗିରି ଜିଲା କାଲିମେଲା ବ୍ଲକ ଏମଭି-୭୯ଠାରୁ ପ୍ରାୟ ୫ କିମି ଦୂର ମହାରାଜପାଲି ପଞ୍ଚାୟତରେ ଏକ ପିଆଜ ବୋଝେଇ ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ ଓଲଟି ପଡିଛି। ଶନିବାର ଆନ୍ଧ୍ରରୁ ଏକ ବୋଲେରୋ ପିଆଜ ବୋଝେଇ କରି ମାଲକାନଗିରି ଅଭିମୁଖେ ଆସୁଥିବା ବେଳେ ଉପରୋକ୍ତ ସ୍ଥାନରେ ଗାଡିଟି ରାସ୍ତା ତଳକୁ ଖସି ଓଲଟିପଡିଥିଲା। ଖବର ପାଇ ମୋଟୁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଅଧିକାରୀ, କର୍ମଚାରୀଙ୍କ ଛୁଟି ବାତିଲ

କୋରାପୁଟ,୨୫।୯(ସ୍ୱ.ପ୍ର.)

ଭାରତୀୟ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସମ୍ଭାବ୍ୟ ବାତ୍ୟା ନେଇ ଜାରି ହୋଇଥିବା ସର୍ତକ ସୂଚନା ଅନୁଯାୟୀ କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ଶନିବାର ଜିଲାପାଳ ଅବଦାଲ ଏମ. ଅଖତାରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଭରଚ୍ୟୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲି, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି, ଉପଜିଲପାଳ ଲଳିତ କହଁର, ଜୟପୁର ଉପଜିଲାପାଳ ହେମକାନ୍ତ ସଏଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର, ଥାନା ଅଧିକାରୀଙ୍କ ସହ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ରବିବାରଠାରୁ ଆଗାମୀ ଦୁଇଦିନ ପର୍ଯ୍ୟନ୍ତ ଉତ୍ତର କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଜିଲାର ସମସ୍ତ ଅଞ୍ଚଳରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଜିଲାପାଳ ସମସ୍ତ ଅଧିକାରୀମାନଙ୍କୁ ତଳିଆ ତଥା ଭୂସ୍ଖଳନ ପ୍ରବଣ ଅଞ୍ଚଳ ଲକ୍ଷ୍ମୀପୁର, ପଟ୍ଟାଙ୍ଗି, ସେମିଳିଗୁଡା, ଦଶମନ୍ତପୁର, ନନ୍ଦପୁର ପ୍ରତି ନଜର ରଖିବା ସହ ଆବଶ୍ୟକ ସ୍ଥଳେ ସେହି ଅଞ୍ଚଳର ବୃଦ୍ଧାବୃଦ୍ଧ,ଗର୍ଭବତୀଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଜିଲାର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଛୁଟିକୁ ବାତିଲ କରାଯାଇଛି। ନିଜ ସଦର ମହକୁମାରେ ସମସ୍ତେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ସାମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ସମସ୍ତ ଯାତ୍ରୀବାହୀ ଡଙ୍ଗା ଚଳାଚଳ ଉପରେ ଜିଲା ପ୍ରଶାସନ ରୋକ ଲଗାଇଛି। ତହସିଲଦାର ଏବଂ ଥାନା ଅଧିକାରୀଙ୍କୁ ଏଥିପ୍ରତି କଡା ନଜର ରଖିବାକୁ କୁହାଯାଇଛି। ଜିଲାଠାରୁ ଆରମ୍ଭ କରି ସମସ୍ତ ୧୪ଟିଯାକ ବ୍ଲକରେ ୨୪ ଘଣ୍ଟିଆ ଜରୁରୀ ନିୟନ୍ତ୍ରଣ କକ୍ଷ ଖୋଲା ରଖିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଶନିବାର ଅପରାହ୍ନଠାରୁ ଜିଲାର ସମସ୍ତ ଅଞ୍ଚଳରେ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯାଇଛି। ଜିଲାବାସୀଙ୍କୁ ଭୟଭୀତ ନ ହେବା ପାଇଁ ଜିଲାପାଳ ପରାମର୍ଶ ଦେଇଛନ୍ତି।

**ସମ୍ଭାବ୍ୟ ବାତ୍ୟାକୁ ନେଇ ଜିଲା ପ୍ରଶାସନର ପ୍ରସ୍ତୁତି**

### ଗୁରୁତର ସହ ନେଇଛି ପ୍ରଶାସନ: ଜିଲାପାଳ

ମାଲକାନଗିରି,୨୫।୯(ଡି.ଏନ୍.ଏ.)

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଗଭୀର ଅବପାତରେ ପରିଣତ ହେବା ପରେ ବାତ୍ୟାର ରୂପ ନେବ। ଏହା ଆନ୍ଧ୍ର ପ୍ରଦେଶର କଳିଙ୍ଗପଟନମଠାରେ ଲ୍ୟାଣ୍ଡଫଲ କରିବାକୁ ଥିବାରୁ ମାଲକାନଗିରି ଜିଲାକୁ ୨୬ତାରିଖରେ ରେଡ୍ ୱାର୍ନିଂ ଜାରି କରାଯାଇଛି। ୨୭ ରେ ଅରେଞ୍ଜ ୱାର୍ନିଂ ଜାରି ହୋଇଛି। ଏଥିଯୋଗୁ ପ୍ରବଳ ବର୍ଷା ହେବ। ଏନେଇ ମାଲକାନଗିରି ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲାର ସମସ୍ତ ବିଡିଓ ଏବଂ ତହସିଲଦାରମାନଙ୍କୁ ପ୍ରସ୍ତୁତ ରହିବାକୁ କୁହାଯାଇଛି। ପ୍ରବଳ ବର୍ଷା ଯୋଗୁ ତଳୁଆ ଅଞ୍ଚଳ ଓ ନଦୀ କୂଳିଆ ଅଞ୍ଚଳ ଜଳମଗ୍ନ ହେବା ସହ ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ସମ୍ଭାବନା ରହିଛି। ଏହାକୁ ମଧ୍ୟ ପ୍ରଶାସନ ଗୁରୁତର ସହ ନେଇ ବନ୍ୟା ଆଶଙ୍କା ଅଞ୍ଚଳ ଓ ଭୂସ୍ଖଳନ ଅଞ୍ଚଳକୁ ଚିହ୍ନଟ କରିଛି। ଜନସାଧାରଣଙ୍କୁ ଏହି ବିପଦପୂର୍ଣ୍ଣ ସ୍ଥାନକୁ ନ ଯିବା ପାଇଁ ଜିଲାପାଳ ବିଶାଳ ସିଂ ପରାମର୍ଶ ଦେଇଛନ୍ତି। ଜିଲାକୁ ସମ୍ଭାବ୍ୟ ବାତ୍ୟା ମୁକାବିଲା ନେଇ ୬ଟି ଓଡ୍ରାଫ ଟିମ୍ ଅଣାଯିବା ବ୍ୟବସ୍ଥା ହୋଇଛି। ସେମାନଙ୍କୁ ୬ଟି ସ୍ଥାନରେ ନିୟୋଜନ କରାଯିବ। ଜିଲାର ଗର୍ଭବତୀ, ବୃଦ୍ଧାବୃଦ୍ଧଙ୍କୁ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯିବ ବୋଲି ଜିଲାପାଳ ସିଂହ କହିଛନ୍ତି।

**ସମ୍ଭାବ୍ୟ ବାତ୍ୟା ମୁକାବିଲା**

# ଅନୁସୂଚିତ ଜାତି ଓ ଜନଜାତି ନିର୍ଦ୍ଦେଶିକାଙ୍କ ମାଲକାନଗିରି ଗସ୍ତ



ଅଧିକାରୀମାନଙ୍କ ସହ ଅନୁସୂଚିତ ଜାତି ଓ ଜନଜାତି ନିର୍ଦ୍ଦେଶିକା।

ମାଲକାନଗିରି,୨୫।୯(ଡି.ଏନ୍.ଏ.)

ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ନିର୍ଦ୍ଦେଶିକା ଗୁହା ପୁନମ ତାପସ କୁମାର ମାଲକାନଗିରି ଜିଲା ଗସ୍ତରେ ଆସି ଶନିବାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରିଛନ୍ତି। ମାଥିଲିସ୍ଥିତ ଉଦୁଲିବେଡ଼ା ବିଦ୍ୟାଳୟକୁ ଯାଇ ସେଠାକାର ଶିକ୍ଷା ବ୍ୟବସ୍ଥା, ଭିତ୍ତିଭୂମି ସମ୍ପର୍କରେ ସମୀକ୍ଷା କରିଥିଲେ। ସେହିପରି ମାଲକାନଗିରି ଜିଲାରେ ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସହ ଜୀବିକା ମିଶନ ଦ୍ୱାରା ପରିଚାଳିତ ପାଙ୍ଗାମ ଓ ଗୋବିନ୍ଦପାଲି ମାଧ୍ୟମିକ ବିଦ୍ୟାଳୟଗୁଡ଼ିକର କାର୍ଯ୍ୟ ସମୀକ୍ଷାକରି ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ଗୁଣାତ୍ମକ ଶିକ୍ଷାର ବିକାଶ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ମାଲକାନଗିରି ଏକ ଜନଜାତି ଓ ପଛୁଆ ଅଞ୍ଚଳ ହୋଇଥିବାରୁ ରାଜ୍ୟ ସରକାରଙ୍କ ଉକ୍ତ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଭିତ୍ତିଭୂମିର ଉନ୍ନତି ପାଇଁ ବହୁ ଅର୍ଥ ଅନୁଦାନ ଦେଉଛନ୍ତି। ଦିବାଇ ଓ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାକୁ ଆସୁଥିବା ଅନୁଦାନ କିଭଳି ବିନିଯୋଗ ହେଉଛି ସେନେଇ ଅନୁସୂଚିତ ଜାତି ଓ ଜନଜାତି ନିର୍ଦ୍ଦେଶିକା ସମୀକ୍ଷା କରିଥିଲେ। ସମନ୍ୱିତ ଆଦିବାସୀ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟ, ମାଧ୍ୟମିକ ଉଚ୍ଚ ବିଦ୍ୟାଳୟଗୁଡ଼ିକରେ କୋଠା ନିର୍ମାଣ, ପରିବେଶ ସ୍ୱଚ୍ଛତା ସହ ଛାତ୍ରୀଛାତ୍ରମାନେ ଯେପରି ଆବାସିକ ବିଦ୍ୟାଳୟରେ ରହି ଅଧ୍ୟୟନ କରିପାରିବେ ସେଥିପ୍ରତି ବିଭାଗୀୟ ଅଧିକାରୀମାନେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ। ଜିଲାପାଳ ବିଶାଳ ସିଂଙ୍କ ସହ ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିହନ ନିଗମ ପରିଚାଳନା ନିର୍ଦ୍ଦେଶକଙ୍କ କୋରାପୁଟ ଗସ୍ତ

କୋରାପୁଟ,୨୫।୯(ସ୍ୱ.ପ୍ର.)



ବିହନ ନିଗମ ପରିଚାଳନା ନିର୍ଦ୍ଦେଶକ ନର୍ସରି ପରିଦର୍ଶନ କରୁଛନ୍ତି।

ଓଡ଼ିଶା ରାଜ୍ୟ ବିହନ ନିଗମ ପରିଚାଳନା ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ମିଶ୍ର କୋରାପୁଟ ଜିଲା ଗସ୍ତରେ ଆସି ସ୍ଥାନୀୟ ଦୟାନିଧିଗୁଡ଼ାଠାରେ ଥିବା ପ୍ରଗତିର କୃଷକ କ୍ଷେତ୍ର ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେଠାରେ ଜୈବିକ କୃଷକ ଉତ୍ପାଦକ କମ୍ପାନୀ ଦ୍ୱାରା କରାଯାଇଥିବା ଆଳୁର ଏପିକଲଏ କଟିଂ (କଲମୀକରଣ) ନର୍ସରି ବୁଲି ଦେଖିଥିଲେ। ଏହି ନର୍ସରି ଅନ୍ତର୍ଜାତୀୟ ଆଳୁ ଗବେଷଣା କେନ୍ଦ୍ରର ବୈଷୟିକ ସହାୟତାରେ ଆରମ୍ଭ ହୋଇଛି। ମିଶ୍ର କଲମୀ ଆଳୁ ନର୍ସରି ସହ କୃଷକ କ୍ଷେତ୍ର ବିଦ୍ୟାଳୟରେ କରାଯାଇଥିବା ବିଭିନ୍ନ ଆଦର୍ଶ ଚାଷ ଅନୁଧ୍ୟାନ କରିଥିଲେ। ଜୈବିକ ଶ୍ରୀ କୃଷକ ଉତ୍ପାଦନ କମ୍ପାନୀର ବିହନ ବିକ୍ରୟ କେନ୍ଦ୍ର ପରିଦର୍ଶନ କରି ଆଗାମୀ ଦିନରେ ଉନ୍ନତ କିସମର ଧାନ ତଥା ପନିପରିବା ବିହନ ଯୋଗାଇବା ପାଇଁ ମତ ଦେଇଥିଲେ। ଏହି ସମୟରେ ଜିଲା କୃଷି ଅଧିକାରୀ ଭରତ ଚନ୍ଦ୍ର ନାଥ, କୃଷି ଉଦ୍ୟାନ ବିଭାଗର ଅଧିକାରୀ ଶିତିକାନ୍ତ ଦାସଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। କୋରାପୁଟ ଜିଲାରେ ପ୍ରଗତି ଅନୁଷ୍ଠାନ ଅନ୍ତର୍ଜାତୀୟ ଆଳୁ ଗବେଷଣା କେନ୍ଦ୍ର ସହାୟତାରେ ୧ହଜାର ଏକର ଜମିରେ ଆଳୁଚାଷ କରି ଆଳୁର ନର୍ସରି ପ୍ରଥମ ଥର ପାଇଁ ଆରମ୍ଭ କରିଛି। ପ୍ରଗତିର ସମ୍ପାଦକ ପ୍ରଭାକର ଅଧିକାରୀ, ଟିମ୍ ଲିଡର ମୁରଲୀଧର ଅଧିକାରୀ, ଶ୍ରୀ ଉତ୍ପାଦକ କମ୍ପାନୀର ସୁରେଶ ମନ୍ତ୍ରି ଓ କାର୍ଯ୍ୟନିର୍ବାହୀ ଅଧିକାରୀ ନିମାନି ଶେଖର ପ୍ରମୁଖ ଉପସ୍ଥିତ ଥିଲେ।

# ପୋଷଣ ସପ୍ତାହ ସଚେତନତା ବାର୍ତ୍ତା ଦେଲେ ଅଙ୍ଗନୱାଡି କର୍ମୀ

ବୋରିଗୁମ୍ମା,୨୫।୯(ଡି.ଏନ.ଏ.)

ମା ଓ ଶିଶୁମାନଙ୍କୁ ଅପପୁଷ୍ଟିଠାରୁ ଦୂରେଇ ରଖିବା ପାଇଁ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ବୋରିଗୁମ୍ମା ବ୍ଲକରେ ପୋଷଣ ସପ୍ତାହ ପାଳିତ ହୋଇଯାଇଛି। ବ୍ଲକର ସଶାହାଣ୍ଡି ପଞ୍ଚାୟତଠାରୁ ଆରମ୍ଭ ହୋଇଥିବା ପୋଷଣ ସପ୍ତାହ କାର୍ଯ୍ୟକ୍ରମ ଶନିବାର ଟିକେବାଲିଗୁଡା ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ର ପରିସରରେ ପାଳନ ହୋଇଛି। ମାଆ ଓ ଶିଶୁମାନେ କିପରି ସୁଷମ ଖାଦ୍ୟ ଖାଇବେ। ଅପପୁଷ୍ଟିରୁ ନିଜକୁ ରକ୍ଷା କରିପାରିବେ ସେନେଇ ସଚେତନ କରାଯାଇଛି। ଏହି ଅବସରରେ ବିଭିନ୍ନ ପ୍ରକାର ପନିପରିବା, ପାଚିଲା ଫଳ, ରୁଟି, ଚାଉଳ, ମଟର ଚଣା, ସିଜା ମୁଗ, ମାଣ୍ଡିଆ, ଖଜୁରା, ବାଦାମ, ପିସ୍ତା ବାଦାମ, କାଜୁ ଆଦି ପୁଷ୍ଟିକର ଖାଦ୍ୟର ଏକ ପ୍ରଦର୍ଶନୀ କରାଯାଇଥିଲା। ଏସବୁ ଖ୍ୟାଦ୍ୟର ଉପକାରିତା ନେଇ ଗର୍ଭବତୀ ମହିଳାଙ୍କୁ ଅବଗତ କରାଯାଇଥିଲା। ଶେଷରେ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିଲା। ଅଞ୍ଚଳା ସେକ୍ଟରର ୨୨ଟି ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀମାନେ ଉପସ୍ଥିତ ଥିଲେ। ଅଙ୍ଗନୱାଡି କର୍ମୀ ପୁଷ୍ପଲତା ମୁଦୁଲି, ଭାଗ୍ୟ ଜାନି, ପ୍ରଭାତି ହାଲବା,ସବିତା ଜାନି, ଜ୍ୟୋସ୍ନାରାଣୀ ହାଲବା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଶ୍ୱ ଫାର୍ମାସି ଦିବସ ପାଳିତ

ଜୟପୁର, ୨୫।୯ (ନି.ପ୍ର.)

ଜୟପୁର କଲେଜ ଅଫ ଫାର୍ମାସିରେ ବିଶ୍ୱ ଫାର୍ମାସି ଦିବସ ଶନିବାର ପାଳିତ ହୋଇଛି। ଏପିଟିଆଇ ଓଡିଶା ରାଜ୍ୟ ଶାଖା ଏବଂ ସିପିଏସ ପୁରୀର ସହିତ ମିଳିତ ସହଯୋଗରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଆଡିସନାଲ ଡିଏମଇଟି ଡାକ୍ତର ବି. କେ. ଦାସ, ଓଏସବିପିର ସଚିବ ଆର.କେ. ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡିନ ଅଫ ଫର୍ମାସି ବିପିୟୁଟିର ଏସ.କେ. ମହାପାତ୍ର , ଏପିଟିଆଇ ଓଡିଶା ଷ୍ଟେଟ ବ୍ରାଞ୍ଚର ସଭାପତି ମିହିର କର ଏବଂ ସିପିଏସର ପ୍ରିନ୍ସପାଲ ଏ.କେ. ମିଶ୍ର ଯୋଗ ଦେଇଥିଲେ। ପ୍ରତିବର୍ଷ ଭାରତୀୟ ଫାର୍ମାସିଟିକାଲ ଆସୋସିଏସନ ସାରା ବିଶ୍ୱରେ ବିଶ୍ୱ ଫାର୍ମାସି ଦିବସ ପାଳନ କରୁଛି। ଡାକ୍ତର ବି.କେ. ଫାର୍ମାସି ବିଜ୍ଞାନ ଉପରେ ଆଲୋକପାତ କରି ଫାର୍ମାସି ସବାଦା ସ୍ୱାସ୍ଥ୍ୟ ପାଇଁ ବିଶ୍ୱାସ ଜନ୍ମାଏ ବୋଲି କହିଥିଲେ। ଫାର୍ମାସିଷ୍ଟ ଜଣେ ମୁଖ୍ୟ ପୁରୋଧାର ସାଜି ସମାଜର ସ୍ୱାସ୍ଥ୍ୟ ଗତ ସମସ୍ୟାର ନିରାକରଣ କରିପାରିବେ। ଏହି ବିଶ୍ୱାସ ସାଧାରଣ ଜନତାଙ୍କ ମନରେ ସୃଷ୍ଟି କରିବା ଆବଶ୍ୟକ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଆର.କେ. ଦାସ ଫାର୍ମାସିଷ୍ଟ ଲେକଙ୍କୁ ସ୍ନେହ ଓ ଉଚିତ ପରାମର୍ଶ ଦେଇ ଔଷଧର ସଠିକ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥାନ୍ତି ବୋଲି କହିଥିଲେ। ଡାକ୍ତର ଏସ. କେ ମହାପାତ୍ର ମହାମାରୀ ସମୟରେ ଫାର୍ମାସିଷ୍ଟ ମାନେ ଯେପରି ଭାବରେ ସ୍ୱାସ୍ଥ୍ୟ ସେବା ଯୋଗାଇଥିଲେ ତାହା ଉଲ୍ଲେଖନୀୟ ବୋଲି ମତ ଦେଇଥିଲେ। ଡାକ୍ତର ମିହିର କର ଫାର୍ମାସିଷ୍ଟଙ୍କ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଓଡିଶା ଷ୍ଟେଟ ବ୍ରାଞ୍ଚ ଫର୍ମାସିଷ୍ଟର ଅଧ୍ୟକ୍ଷ ଡାକ୍ତର ସ୍ମୃତି ରଞ୍ଜନ ମିଶ୍ର ଲୋକଙ୍କ ସ୍ୱାସ୍ଥ୍ୟ କିପରି ଯତ୍ନବାନ ହେବେ ପରାମର୍ଶ ଦେଇଥିଲେ। ଡାକ୍ତର ପିଏନ ମୂର୍ତ୍ତି, ଡାକ୍ତର ଏମକେ ପାଣିଗ୍ରାହୀ, ଡାକ୍ତର ବି କର, ଅଂଶୁମାନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଠିକାଦାରଙ୍କୁ ଜଙ୍ଗଲ ସୁରକ୍ଷା ଦାୟିତ୍ୱ ଦିଅନ୍ତୁ ସରକାର:ବନ କର୍ମଚାରୀ ସଂଘ

ମାଲକାନଗିରି,୨୫।୯ (ଡି.ଏନ୍.ଏ.)

ବନ ବିଭାଗର ଦାୟିତ୍ୱକୁ ସରକାର ଗୋଟିଏ ପରେ ଗୋଟିଏ ଛଡ଼ାଇ ନେଇ ଠିକାଦାରି ସଂସ୍ଥା ହାତରେ ସମର୍ପଣ କରି ଦେଉଛନ୍ତି। ଜଙ୍ଗଲ ସୁରକ୍ଷା ଦାୟିତ୍ୱ ମଧ୍ୟ ଠିକାଦାରଙ୍କୁ ଦିଅନ୍ତୁ ବୋଲି ଅଣଗେଜେଟେଡ୍ ବନ କର୍ମଚାରୀ ସଂଘ ମାଲକାନଗିରି ଜିଲା ସଭାପତି ତପନ ସାହା କହିଛନ୍ତି। ବନ ବିଭାଗର ୯ଟି ଶାଖାକୁ ପୁନର୍ଗଠନ କରି କେବଳ ଟେରିଟୋରିଆଲ ଏବଂ କେନ୍ଦୁପତ୍ର ବିଭାଗ ରଖିଥିବା ବେଳେ ଓଡ଼ିଶାରେ କେତେଜଣ ପଦାଧିକାରୀ, କର୍ମଚାରୀଙ୍କ ଥଇଥାନ ପାଇଁ କେବଳ କେନ୍ଦୁପତ୍ର ବିଭାଗ ନାମକୁ ମାତ୍ର ରହିଛି। ରାଜ୍ୟ ସରକାର ୮୦ ଭାଗ କେନ୍ଦୁପତ୍ର ସଂଗ୍ରହ ଦାୟିତ୍ୱ ଘରୋଇ ଠିକାଦାରମାନଙ୍କୁ ଦେଇଛନ୍ତି। ଟେରିଟୋରିଆଲରେ ଥିବା ଅଧିକାରୀ ଏବଂ କର୍ମଚାରୀ ଜଙ୍ଗଲ ସୁରକ୍ଷା, ବୃକ୍ଷରୋପଣ, ଜଙ୍ଗଲ ରାସ୍ତା କୋଠାବାଡ଼ି ନିର୍ମାଣ, ବନ୍ୟଜନ୍ତୁ ସଂରକ୍ଷଣ କାର୍ଯ୍ୟ କରି ଆସୁଛନ୍ତି। ୨୦୦୨ରୁ ୫୫ଟି ଲଘୁ ବନଜାତ ଦ୍ରବ୍ୟ ତଥା ହରିଡ଼ା, ବାହାଡ଼ା, ଅଁଳା, ସିଆଡିପତ୍ର, ମହୁଲ, ଟୋଲା, ମହୁ, ଝୁଣା, ଫୁଲଝାଡୁ, ବଣକୋଳଥ, ସବାଇ ଘାସ ଇତ୍ୟାଦି ବନ ବିଭାଗ ଦ୍ୱାରା ପରିଚାଳିତ ହୋଇ ସ୍ୱୀକୃତିପ୍ରାପ୍ତ ବ୍ୟବସାୟୀଙ୍କଠାରୁ ରୟାଲଟି ଆଦାୟ କରାଯାଇ କୋଟି କୋଟି ଟଙ୍କା ରାଜସ୍ୱ ମିଳୁଥିଲା। ୨୦୧୪ରେ ୮୪ ପ୍ରକାର ଲଘୁ ବନଜାତ ଦ୍ରବ୍ୟକୁ ସମ୍ପୂର୍ଣ୍ଣ ବନ ବିଭାଗଠାରୁ ଛଡ଼ାଇ ନେଇ ସରକାର ପଞ୍ଚାୟତିରାଜକୁ ଦେଇଥିଲେ। ଏହାଦ୍ୱାରା ସରକାରଙ୍କ ଶହ ଶହ କୋଟି ଟଙ୍କାର ରାଜସ୍ୱ କ୍ଷତି ଘଟିଛି। ବନ କର୍ମଚାରୀ ବିଭାଗୀୟ କୋଠାବାଡ଼ି, ଜଙ୍ଗଲ ରାସ୍ତା ନିର୍ମାଣ ଆଦି କାମ ଉଚ୍ଚମାନର କରୁଥିବା ବେଳେ ରାଜ୍ୟ ସରକାର ବର୍ତ୍ତମାନ ଏହି କାର୍ଯ୍ୟ ଠିକାଦାରଙ୍କ ଦ୍ୱାରା କରାଉଛନ୍ତି। ଜିଲାରେ ୧୪ଟି ବନରକ୍ଷୀଙ୍କ ବାସଭବନ ପାଇଁ ଶନିବାର ଟେଣ୍ଡର କରାଯାଇଛି। ପ୍ରତ୍ୟେକ ବାସଗୃହ ପାଇଁ ୧୪ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ବୃକ୍ଷରୋପଣ ପାଇଁ ମଧ୍ୟ ଚିତ୍ରକୋଣ୍ଡା ବନାଞ୍ଚଳରେ ଠିକାଦାରମାନଙ୍କଠାରୁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ସବୁ ଠିକାଦାରମାନଙ୍କୁ ଟେକି ଦେଇ ରାଜ୍ୟ ସରକାର କର୍ମଚାରୀଙ୍କ ଗୁରୁଦାୟିତ୍ୱ ଲାଘବ କରୁଛନ୍ତି। କର୍ମଚାରୀଙ୍କ ଉପରେ ତଦାରଖ ଦାୟିତ୍ୱ ରଖି ଠିକାଦାରମାନଙ୍କୁ ଟେଣ୍ଡର ମାଧ୍ୟମରେ ଜଙ୍ଗଲ ସୁରକ୍ଷା ଦାୟିତ୍ୱ ଦେଇଦେବାକୁ ସାହା ଦାବି କରିଛନ୍ତି।

# ହତ୍ୟା ଉଦ୍ୟମ ମାମଲାରେ ୨ ଦୋଷୀ ସାବ୍ୟସ୍ତ

କୋରାପୁଟ,୨୫।୯(ସ୍ୱ.ପ୍ର.)

କୋରାପୁଟ ସହକାରୀ ଦୌରାଜଜ୍ ଏକ ହତ୍ୟା ଉଦ୍ୟମ ମାମଲାର ବିଚାର କରି ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଦୀପାନ୍ତର ଚୌଧୁରୀ ଓ ଚକିତ ଚୌଧୁରୀ। ଦୀପାନ୍ତଙ୍କୁ ବିଚାରପତି ହୃଷୀକେଶ ସାହୁ ୫ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୧୫୦୦ ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଏହା ଅନାଦାୟ ହେଲେ ଆଉ ୨ ମାସ କାରାଦଣ୍ଡ ଭୋଗ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଚକିତ ଚୌଧୁରୀଙ୍କୁ ୨ ମାସ କାରାଦଣ୍ଡ ଏବଂ ୧୫୦୦ ଟଙ୍କା ଜରିମାନା ଦଣ୍ଡାଦେଶ କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୧୫ଦିନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ମାମଲାର ବିବରଣୀରୁ ଜଣାପଡ଼ିଛି ୨୦୧୬ ମାର୍ଚ୍ଚ ୨ରେ ଦାମନଯୋଡ଼ିର ଦିବାକର ଚୌଧୁରୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ଦିବାକର ଦାମନଯୋଡ଼ି ଥାନାରେ ଏତଲା ଦେଇଥିଲେ। ପରେ ଚିକିତ୍ସା ପାଇଁ ଡାକ୍ତରଖାନା ଯିବା ସମୟରେ ଦୀପାନ୍ତ ଓ ଚକିତ ପୁଣି ଥରେ ତାଙ୍କୁ ଆକ୍ରମଣକରି ମାଡ଼ ମାରିଥିଲେ। ଏନେଇ ଦାମନଯୋଡ଼ି ଥାନାରେ କେସ୍ ନଂ. ୧୫/୧୬ରେ ମାମଲା ରୁଜୁ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ଦୀପାନ୍ତର ଓ ଚକିତଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା। ସେବେଠାରୁ ଏହି ମାମଲା ସହକାରୀ ଦୌରାଜଜ୍‌ଙ୍କ ଅଦାଲତରେ ବିଚାରାଧୀନ ଥିଲା। ୧୩ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ବିଚାରପତି ଉପରୋକ୍ତ ରାୟ ଶୁଣାଣି କରିଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ବିଦ୍ୟାଧର ସାହୁ ମାମଲା ପରିଚାଳନା କରିଥିଲେ।

# ଜିଲାସ୍ତରୀୟ ଫିଟ୍ ଇଣ୍ଡିଆ ଫ୍ରିଡମ ରନ୍ ନେଇ ଶୋଭାଯାତ୍ରା

କୋରାପୁଟ,୨୫।୯(ସ୍ୱ.ପ୍ର.)

ସ୍ୱାଧୀନତାର ୭୫ବର୍ଷ ଉପଲକ୍ଷେ ଅଗଷ୍ଟ ୧୩ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଦେଶବ୍ୟାପୀ ଆଜାଦି କା ଅମୃତ ମହୋତ୍ସବ ପାଳନ କରାଯାଉଛି। ଏହି ଅବସରରେ ଶନିବାର କୋରାପୁଟଠାରେ ଜିଲାସ୍ତରୀୟ ଫିଟ୍ ଇଣ୍ଡିଆ ଫ୍ରିଡମ ରନ୍ ୨.୦ କାର୍ଯ୍ୟକ୍ରମ ହୋଇଛି। କୋରାପୁଟ ନେହେରୁ ଯୁବକେନ୍ଦ୍ର, ଜାତୀୟ ସେବା ଯୋଜନା ଓ କୋରାପୁଟ ସରକାରୀ ମହାବିଦ୍ୟାଳୟର ମିଳିତ ସହଯୋଗରେ ବିରାଟ ଶୋଭାଯାତ୍ରା କରାଯାଇଛି। ସ୍ଥାନୀୟ ଆରଟିଓ ଅଫିସ ନିକଟରେ ଥିବା କାର୍ନିଭାଲ ପଡ଼ିଆଠାରେ କରାଯାଇଥିବା ଏହି ଶୋଭାଯାତ୍ରାକୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀର ନାୟକ ମୁଖ୍ୟ ଅତିଥି ଓ କୋରାପୁଟ ମ୍ୟୁନିସିପାଲିଟିର ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟ ସମ୍ମାନିତ ଅତିଥିଭାବେ ଯୋଗଦେଇ ସବୁଜ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ପରେ ଏହି ଶୋଭାଯାତ୍ରା ସହର ପରିକ୍ରମା କରି କନିଷ୍ଠ ମହିଳା ମହାବିଦ୍ୟାଳୟଠାରେ ଶେଷ ହୋଇଥିଲା। ଏହି ଅବସରରେ ଅତିଥିମାନେ ତାଙ୍କ ବକ୍ତବ୍ୟରେ ଦେଶର ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନକୁ ମନେ ପକାଇଥିଲେ। କୋରାପୁଟ ଜିଲାରେ ପୂର୍ବରୁ ବିଭିନ୍ନ ଗ୍ରାମାଞ୍ଚଳରେ ଏପରି ଶୋଭାଯାତ୍ରା କରାଯାଇଥିବାବେଳେ ଶନିବାର ଜିଲାସ୍ତରରେ କରାଯାଇଥିବା ନେହେରୁ ଯୁବକେନ୍ଦ୍ରର ଜିଲା ସଂଯୋଜକ ଅମୃତେଶ ପାଇଡି କହିଥିଲେ। ଯୁବ ସ୍ୱେଚ୍ଛାସେବୀ କେଦାର ସେନାପତି, ଜାତୀୟ ସେବା ଯୋଜନାର ଜିଲା ସଂଯୋଜକ କିଶୋର ବେହେରା, ସୌମେନ୍ଦ୍ର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।




ଶୋଭାଯାତ୍ରାକୁ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

# ଭୀମାରାଙ୍ଗିଣୀରେ ଯାଯାବର ଜୀବନ

ମାଲକାନଗିରି,୨୫।୯(ଡି.ଏନ୍.ଏ.)



ବିସ୍ଥାପିତ ହୋଇଥିବା ଆଦିବାସୀ ପରିବାର।

**ସତୀଗୁଡ଼ା ଡ୍ୟାମ୍ ବିସ୍ଥାପିତଙ୍କ ଦୁଃଖ**

- ଗ୍ରାମକୁ ଏଯାଏ ନାହିଁ ରାସ୍ତା
- ଚାଷଜମିକୁ ନେଇ ଚିନ୍ତାରେ ଅଛନ୍ତି ଆଦିବାସୀ ପରିବାର
- ସମସ୍ୟା ସମାଧାନ ନ ହେଲେ କରିବେ ଭୋଟ ବର୍ଜନ

ମାଲକାନଗିରି ଜିଲା ସଦର ମହକୁମାଠାରୁ ମାଲକାନଗିରି-ଜୟପୁର ମୁଖ୍ୟ ରାସ୍ତା ଡାହାଣ ପାର୍ଶ୍ୱରେ ସତୀଗୁଡ଼ା ଜଳଭଣ୍ଡାର। ୧୯୬୮ରେ ଏହି ଜଳଭଣ୍ଡାର କାର୍ଯ୍ୟ ଆରମ୍ଭ ହେବା ସମୟରେ ଜଳଭଣ୍ଡାର ମଧ୍ୟରେ ଥିବା ଚମ୍ପାଖାରୀ, ତାଳଗୁଡ଼ା, ସିମାଗୁଡ଼ି, ଟାଙ୍ଗିରିଗୁଡ଼ା, ମାରାଗୁଡ଼ା, ମୁନସା, ସୋରିଷମାଳ, ସିନ୍ଧିମାଳଆଦି ଗ୍ରାମରେ ବସବାସ କରୁଥିବା ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ପରିବାର ବିସ୍ଥାପିତ ହୋଇଥିଲେ। ଏହି ପରିବାର ଏବେ ବିଭିନ୍ନ ସ୍ଥାନରେ ଯାଯାବର ଜୀବନ ବିତାଉଛନ୍ତି। ଚଳିବା ଲାଗି ସର୍ବନିମ୍ନ ମୌଳିକ ଆବଶ୍ୟକତା ପୂରଣ କରି ନ ପାରି କଷ୍ଟ ଭୋଗୁଛନ୍ତି।

ସେତେବେଳେ ୫୦ ପରିବାରଙ୍କୁ ବୋଇଲାପାରିଠାରେ ମୁନୁସା କଲୋନିଟିଆରି କରି ସେଠାରେ ଝିଙ୍କର ଘର, ୩ଏକର ଜମି, ଦୁଇଟି ଛେଳି, ହଳେ ବଳଦ ଦେଇ ଥଇଥାନ କରାଯାଇଥିଲା। ସତୀଗୁଡ଼ା ଡ୍ୟାମ୍ ପାଇଁ ଚାଷଜମି କ୍ଷତିପୂରଣ ବାବଦରେ ଏକର ପିଛା ୫୦୦ ଟଙ୍କା ପ୍ରଦାନ କରାଯାଇଥିବା ମୁନୁସା ଗ୍ରାମର ୱାର୍ଡମେମ୍ବର ଅର୍ଜୁନ ମାଡକାମି, କେଶବ ଶିସା, ସରାଜ ମାଟାମ, ଚନ୍ଦ୍ର ମାଢି, ରତନ ମୁଦୁଲି, ଚନ୍ଦ୍ରଶେଖର ମାଦେମି, ଇନ୍ଦ୍ର ମାଢି, ଲକ୍ଷ୍ମଣ ପଦମା, ମାଧବ ମାଢ଼ି, ପୀତାମ୍ବର ଭୂମିଆ ପ୍ରମୁଖ ଗ୍ରାମବାସୀ କହିଛନ୍ତି। ଗ୍ରାମବାସୀଙ୍କ କହିବାନୁଯାୟୀ ବିସ୍ଥାପିତ ଗ୍ରାମଗୁଡିକର ଲୋକଙ୍କୁ ଯେଉଁ ଯେଉଁ ସ୍ଥାନରେ ଥଇଥାନ କରାଯାଇଥିଲା ସେସବୁ ସ୍ଥାନରେ ଚାଷୋପଯୋଗୀ ଜମି ନ ଥିଲା। ଶ୍ମଶାନ, ଗୋଚର ନିକଟରେ ମଧ୍ୟ କୌଣସି ଜଙ୍ଗଲ ନ ଥିଲା। ଫଳରେ ବିସ୍ଥାପିତ ଆଦିବାସୀମାନେ ଦୁଇ ତିନିବର୍ଷ ପରେ ସେହି ସବୁ ଜାଗା ଛାଡ଼ି ଜିଲାର ବିଭିନ୍ନ ଜଙ୍ଗଲ ଅଞ୍ଚଳରେ ବସତିସ୍ଥାପନ କରି ରହିଛନ୍ତି। ସେହି ସମୟରେ ବୋଇଲାପାରି ମୁନୁସା କଲୋନିରୁ ୧୬ଟି ପରିବାର ଭୀମାରାଙ୍ଗିଣି ଆସି ସେଠାରେ ଦୀର୍ଘ ୪୫ ବର୍ଷ ହେଲା ବସବାସ କରି ଆସୁଛନ୍ତି। ୧୯୮୦ ସେଟେଲମେଣ୍ଟ ସମୟରେ ଭୀମାରାଙ୍ଗିଣିରେ ଚାଷ କରୁଥିବା ଜମିକୁ ସେମାନଙ୍କ ନାମରେ ପଟ୍ଟା ପ୍ରଦାନ କରାଯାଇଛି। ତେବେ ଭୀମାରାଙ୍ଗିଣି, ମୁନୁସା ଗ୍ରାମକୁ ଏଯାଏ ରାସ୍ତା ନାହିଁ। କାଦୁଅରେ ଗ୍ରାମବାସୀ ଏବଂ ବିଦ୍ୟାଳୟକୁ ଛାତ୍ରୀଛାତ୍ରମାନେ ଯାତାୟାତ କରୁଛନ୍ତି। ଯେଉଁ ଚାଷଜମିରେ ସେମାନେ ଚାଷକରି ବଞ୍ଚୁଛନ୍ତି ବର୍ତ୍ତମାନ ସେହି ଜମି ଉପରେ ରେଳ ଲାଇନ ଯିବ ବୋଲି ସର୍ଭେରୁ ଜଣାପଡ଼ିଛି। ଏପରି ସ୍ଥଳେ ଗ୍ରାମବାସୀ ପୁଣି କେଉଁଠିକୁ ଯାଇ ବସତିସ୍ଥାପନ କରିବେ ଚିନ୍ତାରେ ପଡିଛନ୍ତି। ସରକାର ସେମାନଙ୍କୁ ସେମାନଙ୍କ ମୂଳ ଭିଟାମାଟିରୁ ଉଚ୍ଛେଦକରି ପରବର୍ତ୍ତୀ ସମୟରେ ସେମାନଙ୍କୁ ଠିକ୍ ଥଇଥାନ ନ କରିବାରୁ ଏବେ ମଧ୍ୟ ଶତାଧିକ ଆଦିବାସୀ ପରିବାର ବିଭିନ୍ନ ସ୍ଥାନରେ ଯାଯାବର ଜୀବନ ବିତାଉଛନ୍ତି। ନିର୍ବାଚନ ପୂର୍ବରୁ ଯଦି ସେମାନେ ବସବାସ କରୁଥିବା ଗ୍ରାମକୁ ରାସ୍ତା ଓ ଅନ୍ୟାନ୍ୟ ସରକାରୀ ସୁବିଧା ସୁଯୋଗ ସେମାନଙ୍କୁ ନ ମିଳେ ତେବେ ଆଗାମୀ ଦିନରେ ଭୋଟ ବର୍ଜନ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

